## ଅହିୟାସରେ ବିଜେଡିର ମହାମିଶ୍ରଣ ପର୍ବ

# ରାଜ୍ୟ ସରକାରଙ୍କୁ ବବିଙ୍କ ଟାର୍ଗେଟ୍





**ଦଶରଥପୁର/ମଙ୍ଗଳପୁର, ୧୯।୪(ସମିସ)**

ଆଜି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅହିୟାସ ବଜାର ନିକଟ ପଡ଼ିଆରେ ବିଜେଡି ତରଫରୁ ଏକ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶରଥପୁର ବ୍ଲକ ଯାଜପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ ବିଜେପି କର୍ମୀ ବିଜେପି ଛାଡି ବିଜେଡିରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେଡି ରାଜ୍ୟ ଉପସଭାପତି ତଥା ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ମଲିକାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ମଲିକଙ୍କୁ ବିଜେଡିରେ ସାମିଲ କରିଥିଲେ। ଏଥିସହିତ ତରପଡ଼ା, କଷ୍ଟା, ମଲିକାପୁର, ଡୁଡୁରାଅନ୍ତା ବହୁ କର୍ମୀ ବିଜେପି ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲା ସଭାପତି ସରୋଜ ମହାପାତ୍ର ଯୋଗ ଦେଇ ବିଗତ ଦୁଇ ବର୍ଷର ବିଜେପି ସରକାରଙ୍କୁ ଟାର୍ଗେଟ କରିଥିଲେ। ବିଜେପି ସରକାର କ୍ଷମତାକୁ ଆସିବା ପାଇଁ ଯେତେ ସବୁ ମିଛ ପ୍ରଚାର କରିଥିଲା ତାହା ଆଜି ଧରାପଡ଼ିଛି। ମହିଳା ମାନଙ୍କୁ ମିଶନ ଶକ୍ତି ମାଧ୍ୟମରେ ସଶକ୍ତ କରିଥିବା ବିଜୁ ଜନତା ଦଳ। କିନ୍ତୁ ଗତ ଦୁଇ ବର୍ଷ ଭିତରେ ମହିଳା ମାନଙ୍କ ସ୍ଥିତି ଆଜି କେମିତି କହିକି ସରକାରଙ୍କୁ ଟାର୍ଗେଟ କରିଥିଲେ। ମୁଖ୍ୟମନ୍ତ୍ରୀ ଯଦି ନିଜ ନିର୍ବାଚନ ମଣ୍ଡଳୀର ବିକାଶ କରୁଛନ୍ତି ତାକୁ ସ୍ୱାଗତ କରୁଛ। ଯାଜପୁରର ବିକାଶ ବେଳେ କାହିଁକି ବିରୋଧ ବୋଲି ବବି ପ୍ରଶ୍ନ କରିଥିଲେ। ମହିଳା ବିଲ୍ ନାଁରେ ବିଜେପି ଭେଳିକି ଲଗାଇଛି କହି ବିଜେପିକୁ ସମାଲୋଚନା କରିଥିଲେ। ରାଜ୍ୟରେ ବିଜେପି ସରକାର ଥିବା ବେଳେ ବିଜୁ ଜନତା ଦଳ ପକ୍ଷରୁ ଏଭଳି ଏକ ବିଶାଳ ମିଶ୍ରଣ ସମାବେଶ ସରକାରଙ୍କ ପାଇଁ ସତର୍କ ଘଣ୍ଟି ବୋଲି ଚର୍ଚ୍ଚା ହେଉଛି। ଦଶରଥପୁର ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ଯାଜପୁର ଜିଲ୍ଲା ବିଜେଡି ସମ୍ପାଦକ ମନୋଜ ରାଉତ, ଶରତ ଚନ୍ଦ୍ର ତ୍ରିପାଠୀ, ଦଶରଥପୁର ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ଆଦିକନ୍ଦ ସନ୍ଦିଗ୍ରହ, ମଙ୍ଗଳପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଶିଶିର କୁମାର ଧଳ, ମଲିକାପୁର ସରପଞ୍ଚଙ୍କ ପ୍ରତିନିଧି ସ୍ୱପ୍ନେନ୍ଦୁ ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଦିଗାମ୍ବର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶରତ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଦୁଦୁରାଅଣ୍ଟା, କଷ୍ଟା ପଞ୍ଚାୟତରୁ ମଧ୍ୟ ବହୁ କର୍ମୀ ବିଜେପି ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ପ୍ରଣବ ପ୍ରକାଶ ଦାସ ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଯାଜପୁରର ବିକାଶ ଧାରା ଓ ଦଶରଥପୁରର ବିକାଶ ଧାରାର ବିଜେପି ବାଧକ ସାଜିଛି ବୋଲି ପ୍ରଣବ କହିଥିବା ବେଳେ କିଛି ମୁଷ୍ଟିମେୟ ଲୋକ ଯାଜପୁର ବିଜେପିକୁ କବଳିତ କରି ପିସି କାରବାରରେ ବ୍ୟସ୍ତ ରହି ଦଳୀୟ କର୍ମୀଙ୍କୁ ଅଣଦେଖା କରିବାରୁ ଅଣନିଶ୍ୱାସୀ ହୋଇ ବିଜେପି ଦଳ ପରିତ୍ୟାଗ କରିଛି ବୋଲି ରାମଚନ୍ଦ୍ର ମଲ୍ଲିକ ତାଙ୍କ ବକ୍ତବ୍ୟରେ କହିଛନ୍ତି। ସେହିପରି ଆଜିର ମିଶ୍ରଣ ପର୍ବରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଦଶରଥପୁର ବ୍ଲକର ରାମବାଗ ଠାରୁ ପ୍ରାୟ ୨ ହଜାରେ ବିଜେଡି କର୍ମୀ ଏକ ବାଇକ୍ ରାଲିରେ ସଭା ମଞ୍ଚ ପର୍ଯ୍ୟନ୍ତ ଆଣିଥିଲେ।

**ଦୁଇ ବର୍ଷ ପରେ ବିକାଶ ଠପ୍, ମିଶନ ଶକ୍ତି ବରବାଦ**

## ପଦ୍ମନାଭ ହାଇସ୍କୁଲରେ ଛାତ୍ର ସମ୍ମିଳନୀ

**ବରୀ, ୧୯।୪(ସମିସ):** ପଦ୍ମନାଭ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଲକୁଣ୍ଡର ୨୦୦୪ ବ୍ୟାଚର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ପୁରାତନ ଶିକ୍ଷକମାନେ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ପୁରାତନ ଛାତ୍ରଶୁଭ୍ର ଜେନା, ବିଶ୍ୱରଞ୍ଜନ ଧଳ, ମନୋଜ ମଲିକ, ମଧୁସ୍ମିତା ଜେନା, ଅସୀମା ଜେନା, ଲେଲି ବିଶ୍ୱାଳ, ମହେନ୍ଦ୍ର ବିଶ୍ୱାଳ, ସୁଧନ୍ୟା ଜେନାପ୍ରମୁଖ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଅବିନାଶ ଜେନା, ଦିଲ୍ଲିପ ଦାସ, ମନୋଜ ଜେନା, ଜନ୍ମେଜୟ ଜେନା, ଟୁଲୁ ମଲିକ, ରେଖା ସ୍ୱାଇଁ, ନିହାର ରଞ୍ଜନ ନାୟକ, ଅମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ବଡଚଣା ପୁଲିସ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ



**ବଡଚଣା, ୧୯।୪(ସମିସ):** ତିନୋଟି ଜାତୀୟ ରାଜପଥର ମିଳନ ସ୍ଥଳ ଚଣ୍ଡିଖୋଲ ଛକ ଭୌଗୋଳିକ ଦୃଷ୍ଟି କୋଣରୁ ଓଡ଼ିଶାର ଏକ ପ୍ରତିଷ୍ଠିତ ସ୍ଥାନ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଏଠାକୁ ଦୈନିକ ଶହଶହ ଲୋକ ଯିବା ଆସିବା କରିଥାନ୍ତି। ମାତ୍ର ଏଠାରେ ଜଳ ଯୋଗାଣର ସୁବ୍ୟବସ୍ଥା ନଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବଡଚଣା ପୁଲିସ୍ ପକ୍ଷରୁ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଏହି ଜଳଦାନ କେନ୍ଦ୍ରକୁ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ ଉଦ୍‌ଘାଟନ କରି ଏହି ଜଳଦାନ କେନ୍ଦ୍ରଟି ତୃଷାର୍ତ୍ତ ଜନସାଧାରଣ ଓ ଯାତ୍ରୀ, ଆଗନ୍ତୁକ ମାନଙ୍କ ତୃଷା ନିବାରଣ କରିବ ବୋଲି ଆଶା କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ଥାନା ଅଧିକାରୀ ଜଗଦୀଶ କର, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ନାଥ ଜେନା, ପୋଲିସ କର୍ମଚାରୀ ଆଲୋକ କୁମାର ଜେନା, କୃଷ୍ଣଚନ୍ଦ୍ର ସାମଲ, ବିଶ୍ୱଜିତ୍ ଲେଙ୍କା, ଅଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଚାରିବାଟିଆ ରଘୁନାଥଜିଉ ସଂସ୍କୃତ ବିଦ୍ୟାନିକେତନ

# ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ



**ମଙ୍ଗଳପୁର, ୧୯।୪(ସମିସ):** ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ରଘୁନାଥଜିଉ ସଂସ୍କୃତ ବିଦ୍ୟାନିକେତନର ନୂତନ ଗୃହ ନିର୍ମାଣ କ୍ଷେତ୍ରରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟର ଏକ ନୂତନ ଗୃହ ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଟେଣ୍ଡର ମାଧ୍ୟମରେ ୧୨.୭୨ ଲକ୍ଷଟଙ୍କା ଯୋଗେଇ ଦିଆଯାଇ ଥିବା ବେଳେ ବର୍ତ୍ତମାନ ଟେଣ୍ଡର ପାଇଥିବା ଠିକାଦାର ଜଣକ ଉକ୍ତ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ଦେଖିବା ପାଇଁ ମିଳିଛି। ମାତ୍ର କାର୍ଯ୍ୟ ଆରମ୍ଭରୁ ଠିକାଦାର ଜଣକ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହୋଇଛି। ଫଳରେ ଗ୍ରାମବାସୀ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାଇ ଘରର ପିଲାର ଖୋଲାଯିବା ପରେ ପିଲାର ଢଳେଇ ପଡ଼ିବା ପରେ ପିଲାର ମୂଳରେ ବାଲି ଫିଲିଙ୍ଗ କରିବା ପରିବର୍ତ୍ତେ ଘର ଭିତରେ ସମ୍ପୂର୍ଣ୍ଣ ମାଟି ଭର୍ତ୍ତି କରିଛନ୍ତି। ଘର କାର୍ଯ୍ୟରେ ବ୍ୟବହୃତ ଇଟା ଏତେ ନିମ୍ନମାନର ଯେ, ହାତରେ ଧରିବା କ୍ଷଣି ଭାଙ୍ଗି ଯାଉଛି। ସେହିପରି ଇଟା ବ୍ୟବହାର କରି ଠିକାଦାର ଘରର ପ୍ଲିନ୍ଥ ଢଳେଇ ପକାଇ ଥିବା ବେଳେ ଢଳେଇ ପଡ଼ିବାର ୨ ଦିନ ପରେ ପ୍ଲିନ୍ଥ ଫାଟି ଯାଇଥିବା ଦେଖିବାକୁ ମିଳିଛି। ସେହିପରି ମାଟିମିଶା ବାଲିରେ କାର୍ଯ୍ୟ କରିବା ସହ ଅତି ନିମ୍ନମାନର ସିମେଣ୍ଟରେ ଘର କାର୍ଯ୍ୟ କରାଯାଉ ଥିବାରୁ ଘରର ପ୍ଲିନ୍ଥ ଫାଟି ଗଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଘରର ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ କାର୍ଯ୍ୟ ସ୍ଥଳକୁ ବ୍ଲକର କନିଷ୍ଠ ଯନ୍ତ୍ରୀ ଆଦୌ ଆସୁନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘର କାର୍ଯ୍ୟ ଆରମ୍ଭରୁ ଘରର ପ୍ଲିନ୍ଥ ଫାଟିଯିବାକୁ ନେଇ କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିନେଇ ଠିକାଦାରଙ୍କ ସହ ଯୋଗାଯୋଗ କରିବାରୁ ଯାହା ହୋଇଛି ସେସବୁର ରେକ୍ଟିଫାଏ କରାଯିବା ପରେ କାର୍ଯ୍ୟ କରାଯିବ ବୋଲି କହିଥିଲେ। ସେହିପରି ବ୍ଲକର କନିଷ୍ଠ ଯନ୍ତ୍ରୀ ଶ୍ରୀ ଶତପଥୀଙ୍କୁ ପଚାରିବାରୁ ମୁଁ ଠିକାଦାରଙ୍କୁ ଏଥିନେଇ ପୂର୍ବରୁ ତାଗିଦ କରିଛି। ଯଦି କିଛି ଭୁଲ କରିଥାନ୍ତି ତାହେଲେ ତଦନ୍ତ କରିବା ପରେ ଯାହା ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବା କଥା ତାହା କରାଯିବ ବୋଲି କହିଥିଲେ। ତେବେ ଏହି ଘର କାର୍ଯ୍ୟରେ ହୋଇଥିବା ଅନିୟମିତତାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ଓ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଅନ୍ତୋଦୟ ଗୃହ ଚୟନରେ ଅନିୟମିତତା

**ବଡଚଣା, ୧୯।୪(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ପରପଦା ଗ୍ରାମପଞ୍ଚାୟତରେ ଅନ୍ତୋଦୟ ଗୃହ ନିର୍ମାଣ ଚୟନରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମ ପଞ୍ଚାୟତ ପିଇଓ ପାଣ୍ଡବ ଚରଣ ସାମଲ ଏହି ଅନିୟମିତତାରେ ସମ୍ପୃକ୍ତ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ୨୦୨୬-୨୭ ଆର୍ଥିକ ବର୍ଷରେ ଅନ୍ତୋଦୟ ଗୃହ ନିର୍ମାଣ ପାଇଁ କରାଯାଇଥିବା ସମସ୍ତ ସରକାରୀ ନୀତିନିୟମକୁ ଉଲ୍ଲଙ୍ଘନ କରି ଅଯୋଗ୍ୟ ହିତାଧୀକାରୀମାନଙ୍କୁ ଅନ୍ତୋଦୟ ଗୃହ ନିର୍ମାଣ ପାଇଁ ଚୟନ କରିଛନ୍ତି। ଏପରିକି ସ୍ୱାମୀ ପରିତ୍ୟକ୍ତା ପ୍ରମାଣ ପତ୍ର ନଥିବା, ପକ୍କା ଘର ଥାଇ ଚୟନ କରିବା, ବାପା ଭାଇ ପାଇଥିବା ସତ୍ତ୍ୱେ ଅନ୍ୟ ଜଣେ ଭାଇକୁ ଚୟନ କରିବା, ବିବାହ ବିଚ୍ଛେଦ ପ୍ରମାଣ ପତ୍ର ନଥିବା ଲୋକମାନଙ୍କୁ ଅନ୍ତୋଦୟ ଗୃହ ନିର୍ମାଣରେ ଚୟନ କରିବା ଆଦି ବେଆଇନ କାର୍ଯ୍ୟ ପିଇଓ ସ୍ୱାର୍ଥର ବଶବର୍ତ୍ତୀ ହୋଇ କରିଥିବା ଅଭିଯୋଗ ହୋଇଛି। ପିଇଓଙ୍କ ଏପରି ବେଆଇନ୍ କାର୍ଯ୍ୟ କରି ଯୋଗ୍ୟ ହିତାଧୀକାରୀମାନଙ୍କୁ ଚୟନ ନକରି ଅଯୋଗ୍ୟ ହିତାଧୀକାରୀମାନଙ୍କୁ ଚୟନ କରିଥିବାରେ ବ୍ୟାପକ ଅନିୟମିତତା କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ, ପଞ୍ଚାୟତିରାଜ ମନ୍ତ୍ରୀ, ପଞ୍ଚାୟତିରାଜ ସଚିବ, ଜିଲ୍ଲାପାଳ ଓ ବଡଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ କରି ପିଇଓଙ୍କ ଏପରି ବେଆଇନ୍ କାର୍ଯ୍ୟ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଏସ୍‌ଏଚ୍‌ଜିଙ୍କୁ ସଶକ୍ତ କରୁଛି ଟାଟାଷ୍ଟିଲ୍ ଫାଉଣ୍ଡେସନ




**କାଳିଆପାଣି, ୧୯।୪(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ଗ୍ରାମ ପଞ୍ଚାୟତରେ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଏବଂ କୃଷି ଉତ୍ପାଦନ ବୃଦ୍ଧି କରିବା ଦିଗରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍‌ଏଫ) ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଛି। ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସେମାନଙ୍କୁ ଏକ ମିନି ରାଇସ୍ ମିଲ୍ ଏବଂ ପେଟ୍ରୋଲ ଚାଳିତ ୱାଟର ପମ୍ପ ଯୋଗାଇ ଦିଆଯାଇଛି। ରାଜ୍ୟ ସରକାରଙ୍କ କୃଷି ବିଭାଗ, ମିଶନ ଶକ୍ତି ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସମନ୍ୱୟରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଏହି ପ୍ରୟାସ ଯୋଗୁଁ ମହିଳାମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ସ୍ଥାନୀୟ 'ଗୋଜବାୟାଣୀ' ସ୍ୱୟଂ ସହାୟକ ଗୋଷ୍ଠୀର ୧୦ ଜଣ ସଦସ୍ୟା ସରକାରୀ ସବ୍‌ସିଡିର ଲାଭ ଉଠାଇବା ସହ ଏକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବାରେ ସମର୍ଥ ହୋଇପାରିଛନ୍ତି।

ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଧାନ ପ୍ରକ୍ରିୟାକରଣ ସହଜ ହୋଇଛି। ଏହି ମିନି ରାଇସ୍ ମିଲ୍ ଘଣ୍ଟା ପ୍ରତି ୭୫ କିଲୋଗ୍ରାମ ଧାନ ପ୍ରକ୍ରିୟାକରଣ କ୍ଷମତା ରଖୁଛି, ଯାହା ଗାଁ ଲୋକଙ୍କ ପାଇଁ ଶସ୍ତା ଏବଂ ସହଜଲଭ୍ୟ ହୋଇପାରିଛି। ତେବେ ଏହି ସୁବିଧାକୁ ଦୀର୍ଘସ୍ଥାୟୀ କରିବା ତଥା ଯନ୍ତ୍ରପାତି ରକ୍ଷଣାବେକ୍ଷଣ ପାଇଁ କିଲୋଗ୍ରାମ ପିଛା ମାତ୍ର ୧ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହାସହ ପେଟ୍ରୋଲ ୱାଟର ପମ୍ପ ବ୍ୟବହାର ଦ୍ୱାରା ଜଳସେଚନ କ୍ଷେତ୍ର ବୃଦ୍ଧି ପାଇଛି, ଯାହା କୃଷି କାର୍ଯ୍ୟକୁ ଅଧିକ ଲାଭଦାୟକ କରିପାରିଛି। ଉଲ୍ଲେଖଯୋଗ୍ୟ ଯେ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ସଂଗଠିତ କରିବା, କାଗଜପତ୍ର କାର୍ଯ୍ୟ ଏବଂ ବିଭିନ୍ନ ସରକାରୀ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା କରିବାରେ ଟିଏସଏଫ୍ ଗ୍ରାସରୁଟ୍ ଗଭର୍ଣ୍ଣାନ୍ସ ଟିମ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଫାଉଣ୍ଡେସନର ଗ୍ରାସରୁଟ୍ ଗଭର୍ଣ୍ଣାନ୍ସ ଏବଂ ବିକେନ୍ଦ୍ରୀକରଣ ଯୋଜନାର ସଦସ୍ୟା ନିରୁପମା ମହାନ୍ତ ଏବଂ କମ୍ୟୁନିଟି ରିସୋର୍ସ ପର୍ସନ (ସିଆରପି), ସଦସ୍ୟାମାନଙ୍କୁ ସଂଗଠିତ କରିବା ସହ ସେମାନଙ୍କ ଦକ୍ଷତା ବୃଦ୍ଧିରେ ସହଯୋଗ କରିଛନ୍ତି। ଏହି ସଫଳତା ସମ୍ପର୍କରେ ଗୋଜବାୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ରେବତୀ ମହାନ୍ତ କହିଛନ୍ତି ଯେ, ସମସ୍ତ ସଦସ୍ୟାଙ୍କ ମିଳିତ ଉଦ୍ୟମ ଯୋଗୁଁ ଆଜି ଆମେ ଏହି ସଫଳତା ପାଇଛୁ ଏବଂ ଆଗକୁ ଆହୁରି ଉନ୍ନତି କରିବାକୁ ଆମେ ସଂକଳ୍ପବଦ୍ଧ। ଟାଟା ଷ୍ଟିଲ୍ ଫାଉଣ୍ଡେସନ କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ କହିଛନ୍ତି ଯେ, ସରକାରୀ ବିଭାଗଗୁଡ଼ିକ ସହ ସମନ୍ୱୟ ରକ୍ଷା କରି କିଭଳି ତୃଣମୂଳସ୍ତରରେ ସ୍ଥାୟୀ ପରିବର୍ତ୍ତନ ଅଣାଯାଇପାରିବ, ଏହା ତାର ଏକ ଉଦାହରଣ। ଆଗାମୀ ଦିନରେ ଏହି ମଡେଲକୁ ଅନ୍ୟ ପଞ୍ଚାୟତ ଏବଂ ବ୍ଲକରେ ମଧ୍ୟ କାର୍ଯ୍ୟକାରୀ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ପାଠାଗାରର ନୂତନ କର୍ମକର୍ତ୍ତା ନିର୍ବାଚନ

**କୟାଁଗୋଲା/ମଙ୍ଗଳପୁର, ୧୯।୪ (ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି କବି ଅନନ୍ତସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦର ୩୬ତମ ବାର୍ଷିକ ସାଧାରଣ ପରିଷଦ ଅଧିବେଶନ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବିଜୟକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଇଓ ଅନ୍ନଦା ପ୍ରସାଦ ରଣା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ହରିଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ଶିକ୍ଷାବିତ ନିରଞ୍ଜନ ବିଶ୍ୱାଳ ଯୋଗଦେଇଥିବା ବେଳେ ରିଟର୍ଣ୍ଣିଂ ଅଧିକାରୀ ଭାବେ ବରିଷ୍ଠ ଶିକ୍ଷାବିତ ଦିଗାମ୍ବର ସାହୁ ଓ ଶ୍ରୀନାଥ ପରିଡ଼ା ଯୋଗଦେଇଥିଲେ। ଏହିପରିପ୍ରେକ୍ଷୀରେ ୨୦୨୫-୨୬ର ଆୟ ବ୍ୟୟ ଓ ୨୦୨୬-୨୭ ପାଇଁ ବାର୍ଷିକ ବଜେଟ ଉପସ୍ଥାପନ କରାଯାଇଥିଲା। ବର୍ଷକ ମଧ୍ୟରେ ସାହିତ୍ୟ, ସଂସ୍କୃତିର ଉନ୍ନତି ପାଇଁ ସମ୍ପାଦକ ପ୍ରସ୍ତୁତ କରିଥିବା ବିଭିନ୍ନ ଯୋଜନା ବାବଦରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ଦ୍ୱିତୀୟ ଅଧିବେଶନରେ ଆସନ୍ତା ଦୁଇବର୍ଷ ପାଇଁ ମନୋନୟନ ପକ୍ରିୟାରେ ପାଠାଗାରର ସଭାପତି ଭାବେ ସନାତନ ନାୟକ, ଉପସଭାପତି ଭାବେ ଅନ୍ନଦା ପ୍ରସାଦ ରଣା, ସମ୍ପାଦକ ଭାବେ ଶଶୀକାନ୍ତ ନାୟକ, ସହସମ୍ପାଦକ ଭାବେ ଧୀରେନ୍ଦ୍ର ମଲ୍ଲିକ, ସାଂସ୍କୃତିକ ସମ୍ପାଦକ ଭାବେ କାର୍ତ୍ତିକ ଚନ୍ଦ୍ର ଜେନା, ସାଂସ୍କୃତିକ ସଭାପତି ଭାବେ ନିର୍ମଳ ଚନ୍ଦ୍ର ପତି, କୋଷାଧ୍ୟକ୍ଷ ଭାବେ ଅକ୍ଷୟ ପ୍ରସାଦ ମଲ୍ଲିକ, ଗ୍ରନ୍ଥାଗାରିକ ଭାବେ ବିପିନ ବିହାରୀ ସେନାପତି, ସହ ଗ୍ରନ୍ଥାଗାରିକ ଭାବେ ପ୍ରସନ୍ନ କୁମାର ରାୟ, କାର୍ଯ୍ୟ ନିର୍ବାହୀ ସଭ୍ୟ ଭାବେ ବିଜୟ କୃଷ୍ଣ ନାୟକ, ଡ. ଶୁଭେନ୍ଦୁ କୁମାର ମହାପାତ୍ର, ଗୌତମ ବେହେରା, ଶୈଳେନ୍ଦ୍ର ନାୟକ, କରୁଣାକର ବିଶ୍ୱାଳ, ରବୀନ୍ଦ୍ର ନାଥ ନାୟକ, ସୁବାସ ଚନ୍ଦ୍ର ବିଶ୍ୱାଳ, କାଶୀନାଥ ଦାସ ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ଭାବେ ନିରଞ୍ଜନ ବିଶ୍ୱାଳ, ହରେରାମ ପଣ୍ଡା, ଡ. ବାସୁଦେବ ମିଶ୍ର, ପରୀକ୍ଷିତ ରାୟ, କୈଳାଶ ଚନ୍ଦ୍ର ସାମଲଙ୍କୁ ଗ୍ରହଣ କରାଯାଇଥିଲା। ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଉପଦେଷ୍ଟା ମଣ୍ଡଳୀ ମାନେ ଶପଥ ପାଠ କରାଇଥିଲେ। ଶେଷରେ ବିଦାୟୀ ସଭାପତି ଓ ନିମନ୍ତ୍ରିତ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୧୦ ବର୍ଷ ହେଲା ବଦଳି ହେଉନାହାନ୍ତି ଆର୍‌ଆଇ

**କବାଟବନ୍ଧ, ୧୯।୪(ସମିସ)**



ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲରେ କାର୍ଯ୍ୟରତ ଅନେକ କର୍ମଚାରୀ ଦୀର୍ଘ ବର୍ଷ ହେଲା ଏହି ତହସିଲ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ରହିଥିବା ବେଳେ ସେମାନଙ୍କର ଆଦୌ ବଦଳି ହେଉ ନ ଥିବା ଜଣାପଡ଼ିଛି। ବିଶେଷ କରି ଏହି ତହସିଲରେ କାର୍ଯ୍ୟ କରୁଥିବା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କର ବଦଳିକୁ ନେଇ ଚର୍ଚ୍ଚା ଜୋର ହେଉଛି। ବଦଳି ନିର୍ଦ୍ଦେଶ ପରେ ମଧ୍ୟ ଅର୍ଡର ବାତିଲ ଏବଂ ପୁନଃ କାର୍ଯ୍ୟାଦେଶ ତହସିଲର କେଳେଙ୍କାରୀ ସମ୍ବନ୍ଧରେ ଆଶଙ୍କା ସୃଷ୍ଟି କରିଛି। କେବଳ ରାଜସ୍ୱ ସର୍କଲରେ ଗୋଟିଏ ଅଫିସରୁ ନିକଟରେ ଥିବା ଅନ୍ୟ ଏକ ଅଫିସକୁ ବଦଳି ହେଉଛି। ଯାହା ଫଳରେ ଏହି ତହସିଲ ଅଧୀନରେ ରହି ସେମାନେ କାର୍ଯ୍ୟ କରୁଛନ୍ତି। ମାତ୍ର ଜିଲ୍ଲାରେ ଥିବା ଅନ୍ୟ ତହସିଲକୁ ବଦଳି ହେଉନାହିଁ। ଗୋଟିଏ ତହସିଲ ଅଧୀନରେ ଦୀର୍ଘ ଦିନ ଧରି ରହିବା ଦ୍ୱାରା ଜନସାଧାରଣଙ୍କର ବିଭିନ୍ନ ସମସ୍ୟାକୁ ଅଣଦେଖା କରିବା ସହିତ ବ୍ୟାପକ ଅନିୟମିତତାରେ ଲିପ୍ତ ରହୁଥିବା ଶୁଣିବାକୁ ମିଳୁଛି। ଏମିତିକି ଏହି ତହସିଲ ଅଧୀନରେ ରହିଥିବା ପ୍ରାୟ ୬ ଜଣ ଆର୍‌ଆଇ ଦୀର୍ଘ ବର୍ଷ ଧରି ରହିଥିବା ଜଣାପଡ଼ିଛି। ଜଣେ ଜଣେ ଆର୍‌ଆଇ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରୁଛନ୍ତି। ଯେତେବେଳେ ଜଣେ ରାଜସ୍ୱ ନିରୀକ୍ଷକ ଗୋଟିଏ ତହସିଲରେ ୧୦ ବର୍ଷରୁ ଅଧିକ ସମୟ ପାଇଁ କାର୍ଯ୍ୟ କରନ୍ତି, ଏହା ପ୍ରାୟତଃ ନିଜ ସ୍ୱାର୍ଥର ବିକାଶକୁ ଗୁରୁତ୍ୱ ଦେଇଥାନ୍ତି। ଯାହାକି ଜନସାଧାରଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ସୃଷ୍ଟି ହୁଏ। ଯେଉଁଥିରେ ଜନସାଧାରଣଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବହୁ ବିଳମ୍ବ ସହିତ ଦୁର୍ନୀତି ବୃଦ୍ଧି ଏବଂ ଜନସାଧାରଣ ଅଫିସରଙ୍କ ଦ୍ୱାରା ଆର୍ଥିକ ଶୋଷଣର ଶିକାର ମଧ୍ୟ ହୁଅନ୍ତି। ଏହି ନିର୍ଦ୍ଦିଷ୍ଟ ସମସ୍ୟାଗୁଡ଼ିକୁ ରୋକିବା ପାଇଁ ୩ ବର୍ଷରୁ ଅଧିକ ସମୟ ଧରି ଗୋଟିଏ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଜଣେ ଜଣେ କର୍ମଚାରୀ ଦୀର୍ଘ ଦିନ ଧରି ଗୋଟିଏ ତହସିଲ କାର୍ଯ୍ୟାଳୟରେ ରହିବା ଫଳରେ ବିଭିନ୍ନ ଉଚ୍ଚ ଅଧିକାରୀଙ୍କ ସହିତ ଘନିଷ୍ଠତା ବଢ଼ାଇ ବଦଳି ଆଦେଶକୁ ବାତିଲ କରିବାର ମଧ୍ୟ ଦେଖା ଯାଇଛି। ଗତ ୨୯-୧୦-୨୦୨୪ରେ ଯାଜପୁର ଜିଲ୍ଲାପାଳଙ୍କ ଅର୍ଡର ନମ୍ବର ୧୩୨୯୩ ଅନୁଯାୟୀ ଧର୍ମଶାଳା ତହସିଲରୁ ୯ ଜଣ ଆର୍‌ଆଇଙ୍କର ଜିଲ୍ଲାର ବିଭିନ୍ନ ତହସିଲକୁ ବଦଳି ହୋଇଥିଲା। ମାତ୍ର ଏହାର ୨ ମାସ ମଧ୍ୟରେ ୧୬-୧୨-୨୦୨୪ରେ ଜିଲ୍ଲାପାଳଙ୍କ ପୁନଃ ଅର୍ଡର ନମ୍ବର ୧୫୫୮୨ ଅନୁଯାୟୀ ୪ ଜଣ ଆର୍‌ଆଇଙ୍କର ବଦଳି ବାତିଲ କରାଯାଇ ପୁନଃ ଧର୍ମଶାଳା ତହସିଲରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଭଳି ବଦଳି ବାତିଲ ଏବଂ ଦୀର୍ଘ ବର୍ଷ ଧରି ଗୋଟିଏ ତହସିଲରେ ରହିବା ଫଳରେ କ୍ଷମତାର ଅପବ୍ୟବହାର ଏବଂ ଦୁର୍ନୀତି ବୃଦ୍ଧିର ସମ୍ଭାବନା ସୃଷ୍ଟି କରୁଛି। ଫଳରେ ଜନସାଧାରଣ ହଇରାଣ ହେବା ସହିତ ଅଧିକାରୀମାନେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ଏବଂ ଅଫିସରଙ୍କୁ ସମର୍ଥନ କରିବା ସହ ସେମାନଙ୍କ ପଦବୀର ଅପବ୍ୟବହାର କରୁଛନ୍ତି। ଯାହା ଫଳରେ ସାଧାରଣ ନାଗରିକମାନେ ଲାଞ୍ଚ ଦେବାକୁ ବାଧ୍ୟ ହେଉଛନ୍ତି। ଦୁର୍ନୀତି ଏବଂ ଲାଞ୍ଚ କାରବାର ବୃଦ୍ଧି ମଧ୍ୟ ପାଉଥିବା ଜଣାପଡ଼ିଛି। ଅତୀତରେ ଏହି ତହସିଲ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ମଧ୍ୟ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଅଧିକାଂଶ ଆର୍‌ଆଇ ଜମି ମ୍ୟୁଟେସନ୍, ପ୍ରମାଣପତ୍ର କିମ୍ବା ସର୍ଭେ ରିପୋର୍ଟ ଭଳି ନିୟମିତ ସେବା ପାଇଁ ଲାଞ୍ଚ ଦାବି କରୁଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ଦୀର୍ଘ ବର୍ଷ ଧରି ଏହି ତହସିଲ ଅଧୀନରେ ରହିଥିବା ଆର୍‌ଆଇ ଙ୍କୁ ଅନ୍ୟ ତହସିଲକୁ ବଦଳି କଲେ ବ୍ୟବସ୍ଥାରେ ସୁଧାର ଆସିବା ସହିତ ଜନସାଧାରଣଙ୍କ ବିଭିନ୍ନ କାର୍ଯ୍ୟ ଅବିଳମ୍ବେ ହେବା ସହିତ ଲୋକମାନେ ଉତ୍ତମ ସେବା ପାଇ ପାରିବେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

